## ସଂକ୍ଷେପରେ

### ୩୧ ରୁ କଳାବ୍ୟାଜ୍ ପିନ୍ଧିବେ ଏନ୍‌ପିଏସ ଶିକ୍ଷକ



ଗୁଡାରି,୨୭।୧୦(ଡି.ଏନ୍.ଏ.)- ଗୁଡାରି ଏକ୍ସ ବୋର୍ଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କର୍ମକର୍ତ୍ତା ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିଥିବା ବେଳେ ଏହି ବର୍ଗର ଶିକ୍ଷକଙ୍କୁ ସେହି ସୁବିଧାରୁ ବଞ୍ଚିତ କରା ଯାଇଥିବା ସଂଘ ଅଭିଯୋଗ କରିଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଏହାର ପ୍ରତିବାଦରେ ଗୁଡାରି ଏନ୍‌ପିଏସ ଶିକ୍ଷକ ସଂଘ ପକ୍ଷରୁ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଡାରୀ ବିଡିଓ ଏବଂ ବିଇଓଙ୍କୁ ପ୍ରଦାନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ଏହା ବ୍ୟତୀତ ୩୧ ରୁ ଏହି ବର୍ଗର ସମସ୍ତ ଶିକ୍ଷକ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏଥିରେ ସୁଫଳ ନ ମିଳିଲେ ବାଧହୋଇ ଏହି ବର୍ଗର ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନ୍‌ପିଏସ ଶିକ୍ଷକ ସୁବାସ ଚନ୍ଦ୍ର ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ।

### ୧୨ ଫୁଟ୍‌ର ଅଜଗର ଉଦ୍ଧାର

ଜୟପୁର, ୨୭।୧୦ (ନି.ପ୍ର.)- ଜୟପୁର ନିକଟ ମୁଣ୍ଡିଗୁଡ଼ା ଜମିରୁ ୧୨ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି। ସାପ ଦେଖି ଗ୍ରାମବାସୀ ଜୟପୁର ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ମୁଖ୍ୟ କୃଷ୍ଣ କେଶବ ଷଡ଼ଙ୍ଗୀଙ୍କୁ ଖବର ଦେଇଥିଲେ। ଖବରପାଇ ସେ ମୁଣ୍ଡିଗୁଡ଼ାରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ଅଜଗର ସାପଟି ୧୨ ଫୁଟ ଲମ୍ବା ହୋଇଥିବାବେଳେ ୧୪ କିଲୋ ଓଜନ ରହିଛି। ଜୟପୁର ବନାଞ୍ଚଳ ଅଧିକାରୀ ରଞ୍ଜିତା ନାୟକ ଉପସ୍ଥିତିରେ କେଶବ ଉକ୍ତ ଅଜଗର ସାପକୁ ନିକଟସ୍ଥ ଜଙ୍ଗଲରେ ଛାଡି ଥିଲେ।

### ଧମକଚମକ ଦେବା ଅଭିଯୋଗରେ ଜଣେ ଗିରଫ

ଜୟପୁର, ୨୭।୧୦ (ନି.ପ୍ର.)- ଧମକଚମକ ଦେଉଥିବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଓଡ଼ିଆ ମେଦ୍ରିସାହିର ବାଦଲ ନାଗ। ଗିରଫ ଅଭିଯୁକ୍ତଙ୍କଠାରୁ ନକଲି ବନ୍ଧୁକ, ଛୁରି, ମାରଣାସ୍ତ୍ର ଜବତ ହୋଇଛି। ପୋଲିସ ସୂଚନାନୁଯାୟୀ, ବାଦଲ କେତେଜଣ ସାଥୀଙ୍କ ସହ ଓଡ଼ିଆ ମେଦ୍ରିସାହିରେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରି ଧମକଚମକ ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ଆଗରୁ ୮ ଜଣଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ବାଦଲ ଫେରାର ଥିଲେ। ତାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ବନ୍ଦଘରୁ ଟଙ୍କା, ସୁନା ଚୋରି

ଛତ୍ରପୁର,୨୭।୧୦(ଡି.ଏନ୍.ଏ.)-ଛତ୍ରପୁର ୧୨ନଂ. ୱାର୍ଡ ଚନ୍ଦ୍ରଶେଖର ନଗରର ଏକ ଘରୁ ଚୋରି ଘଟଣାର ପୋଲିସ ତଦନ୍ତ ଆରମ୍ଭ ହୋଇଛି। ଚନ୍ଦ୍ରଶେଖର ନଗରରେ ଭଡାରେ ରହୁଥିବା ଗୋପୀନାଥ ଦାସ ଘର ତାଲା ପକାଇ ଗାଁକୁ ଯାଇଥିଲେ। ବୁଧବାର କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ୩ଟି ସୁନା ମୁଦି, ଗୋଟାଏ ନେକଲେସ, ୨ଟି ଚେନ, କାନଫୁଲ, ପାଉଁଜି ଓ ୪ ହଜାର ଟଙ୍କା ଚୋରାଇ ନେଇଛନ୍ତି। ଏ ନେଇ ଗୋପୀନାଥ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୬୬୪/୨୨ରେ ମାମଲା ରୁଜୁ କରିଛି। ଗୁରୁବାର ଥାନା ଏସ୍‌ଆଇ ସିଲୁ ଧଳ ଓ ସାଇଣ୍ଟିଫିକ ଟିମ ପହଞ୍ଚି ସନ୍ଧାନୀ କୁକୁର ମାଧମରେ ତଦନ୍ତ କରିଛନ୍ତି।

# ୧୮ ଖଣ୍ଡ ଗାଁ ଲୋକଙ୍କ ମୁଖ୍ୟରାସ୍ତା ନାଗାବଳୀ

ରାୟଗଡ଼ା ଅଫିସ,୨୭।୧୦

ରାୟଗଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ୧୮ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ମୁଖ୍ୟରାସ୍ତା ପାଲଟିଛି ନାଗାବଳୀ ନଦୀ। ଗ୍ରାମବାସୀ ନଦୀ ଅପରପାର୍ଶ୍ୱରେ ବସବାସ କରୁଥିବାରୁ ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ନଦୀ ଉପରେ ବିଜୁସେତୁ ନିର୍ମାଣ କାର୍ଯ୍ୟ ୩ ବର୍ଷ ତଳେ ଆରମ୍ଭ ହୋଇଛି। ହେଲେ ପୋଲକାମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନି। ଫଳରେ ଦୈନନ୍ଦିନ କାର୍ଯ୍ୟ ଏବଂ ଜରୁରୀ ସେବା ପାଇଁ ଗ୍ରାମବାସୀ ବିପଜ୍ଜନକ ଅବସ୍ଥାରେ ଭରାନଦୀ ପାରିହୋଇ ଯିବାକୁ ବାଧ ହେଉଛନ୍ତି। ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ପାଇଁ ଷ୍ଟ୍ରେଚର ଏବଂ ଭାରରେ ବୋହି ନଦୀପାର ହେବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ବୁଧବାର ରାୟଗଡ଼ା ସଦର ବ୍ଲକ ଶେଷଖାଲ ପଞ୍ଚାୟତ ଅର୍ନ୍ତଗତ ଖିଲିମିସଗୁଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦୃଷ୍ଟିକୁ ଆସିଛି। ଗାଁର ପ୍ରଦୀପ କଲକା(୫୬)ଜ୍ୱରରେ ପୀଡ଼ିତ ଥିବାବେଳେ ଜ୍ୱର ନ କମିବାରୁ ସମ୍ପର୍କୀୟମାନେ ତାଙ୍କୁ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଯିବାକୁ ରାସ୍ତା କିମ୍ବା ପୋଲ ନ ଥିବାରୁ ପ୍ରଦୀପଙ୍କୁ ଷ୍ଟ୍ରେଚରରେ ବୋହି ନଦୀ ପାରହେବା ପରେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



ଜଣେ ରୋଗୀଙ୍କୁ ଭରାନଦୀରେ ଷ୍ଟ୍ରେଚରରେ ବୋହି ନିଆଯାଉଛି ।





ବିଜୁସେତୁ ଫଳକ ।

ନାଗାବଳୀ ଅପରପାର୍ଶ୍ୱରେ ରହିଥିବା ଖିଲିମିସଗୁଡ଼ା, ରାଣାଗୁଡ଼ା, କେରାଣ୍ଡି, ଲୁମ୍ବେସୁ, କାଷଡ଼ା, ତରାମ୍, ପାଲମପୁଲିସ, ଚମ୍ପି ଏବଂ ଦୁର୍ଗାପାଡୁ ସମେତ ୧୮ ଗ୍ରାମର ଲୋକେ ଯାତାୟାତ ନିମନ୍ତେ ବର୍ଷ ବର୍ଷ ଧରି ସମସ୍ୟା ଭୋଗୁଛନ୍ତି। ଏହାର ସମାଧାନ ନିମନ୍ତେ ୧୧ କୋଟି ୫୩ ଲକ୍ଷ ୫୦ ହଜାର ୨୧୨ଟଙ୍କା ବ୍ୟୟ ଅଟକଳରେ ୨୦୧୯ ମାର୍ଚ୍ଚ ୮ ରେ ନଦୀ ଉପରେ ବିଜୁସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨୦୨୧ ମାର୍ଚ୍ଚ ୭ ମଧ୍ୟରେ କାମ ଶେଷ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କାମ ଅଧାପନତରିଆ ଅବସ୍ଥାରେ ରହିଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

**■ ଭରାନଦୀରେ ଷ୍ଟ୍ରେଚର, ଭାରରେ ବୁହା ହେଉଛନ୍ତି ରୋଗୀ**

**■ ସମୟସୀମା ସରିଥିଲେ ମଧ ବିଜୁସେତୁ ନିର୍ମାଣ କାମ ସରୁନି**

ଏ ନେଇ ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ପୋଲ ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଛି। ବର୍ଷା ଯୋଗୁ କାମ ଅଟକି ଥାଇପାରେ ବୋଲି ସେ କହିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, କାମ ନେଇଥିବା ଠିକାଦାର ସ୍ଲାବ୍ କାମ ଅଧାପନ୍ତରିଆ ଛାଡ଼ି ଦେଇଛନ୍ତି। ବାରମ୍ବାର ତାଗିଦ ପରେ ମଧ ସେ ଶୁଣୁନାହାଁନ୍ତି। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୋଲକାମ ସରିଲେ ୧୮ ଖଣ୍ଡ ଗ୍ରାମର ଲୋକେ ନୂଆ ଜୀବନ ପାଇବେ ବୋଲି ଶେଷଖାଲ ପଞ୍ଚାୟତର ସମିତି ସଭ୍ୟ କ୍ରିଷ୍ଣା କଲାକା, ମାନୁ କଣ୍ଡାଗରି ଏବଂ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପୋଲ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ ନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନି ଦେଇଛନ୍ତି।

# କାର୍ତ୍ତିକ ପୂର୍ଣ୍ଣିମା, ଅଷ୍ଟପ୍ରହରୀ ନାମଯଜ୍ଞ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୨୭।୧୦(ବି.ପ୍ର.)

ନବରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସର ନିଯୋଗ କାର୍ଯ୍ୟାଳୟରେ ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଅନ୍ନଯଜ୍ଞ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ବର୍ଷ ପରେ ଭକ୍ତଙ୍କ ଗହଣରେ କାର୍ତ୍ତିକପୂର୍ଣ୍ଣିମା ଓ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଅନ୍ନଯଜ୍ଞ ପାଳନ କରିବାକୁ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନବରଙ୍ଗପୁର ରାଜପୁରୋହିତ ତଥା ଜଗନ୍ନାଥ ନୀତି ପରିଚାଳନା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀଙ୍କ ଆହ୍ୱାନରେ ଆୟୋଜିତ ଏହି ବୈଠକରେ ଚଳିତ ବର୍ଷ ଶ୍ରୀଜୀଉଙ୍କ କାର୍ତ୍ତିକ ପୂର୍ଣ୍ଣିମା ନୀତି, ମନ୍ଦିର ପରିସରରେ ଅଷ୍ଟପ୍ରହରି ନାମଯଜ୍ଞ ଏବଂ ମନ୍ଦିରକୁ ଆସୁଥିବା ଶତାଧିକ ଭକ୍ତଙ୍କ ଲାଗି ନିଃଶୁଳ୍କ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କିପରି ହେବ ସେ ନେଇ ଆଲୋଚନା କରାଯାଇଛି। ୨ବର୍ଷ ପରେ ଭକ୍ତମାନେ ଏଥିରେ ସାମିଲ ହେଉଛନ୍ତି। ସେମାନେ ସୁବିଧାରେ ଯେପରି ଦର୍ଶନ କରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକକୁ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମ୍ପାଦକ କୁନା ପାତ୍ର ପରିଚାଳନା କରିଥିଲେ। ନିଯୋଗ ଉପସଭାପତି ଭବାନୀ ଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ସମେତ ନିଯୋଗର ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ, ଲକ୍ଷ୍ମୀକାନ୍ତ ମିଶ୍ର, ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ରନାଥ ଶତପଥୀ, ଦୁର୍ଗା ତ୍ରିପାଠୀ, ବାବୁଲା ଦଳେଇ, ମିଟୁ ଶତପଥୀ, ପ୍ରମିଶ ତ୍ରିପାଠୀ, ମୃତ୍ୟୁଞ୍ଜୟ ମହାରଣା, ସୁନୀଲ ମହାପାତ୍ର, ଚିନ୍ନା ନାଇଡୁ, ମଣ୍ଟୁ ଆଚାର୍ଯ୍ୟ, ପ୍ରଫୁଲ୍ଲ ସିଂ, ଏ ସତୀଶ, ଶ୍ରୀଧର ପାତ୍ର, ଚିଟି ବାବୁ, ଅଖିଳ ଭଟ୍ଟ, ଅଶୋକ ନନ୍ଦ, ଅଜି ମିଶ୍ର, ତ୍ରିପତି ସ୍ୱାଇଁ, ବୁବୁ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ ।

# ଗ୍ରୁପ୍‌ଡ୍ୟାନ୍ସରେ ଜୁନାପାଣି ଆଶ୍ରମ ବିଦ୍ୟାଳୟ ପ୍ରଥମ

ଚନ୍ଦାହାଣ୍ଡି,୨୭।୧୦ (ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବ୍ଲକ କଲୋନୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୧୦୮ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏବିଇଓ ପ୍ରେମଚାନ୍ଦ ସିଂ ଧୁରୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ସୁମିତ୍ରା ପୁଜାରୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନି ଉତ୍ସବରେ ଏବିଇଓ ବିଜୟାନନ୍ଦ ସୋରୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସୁମିତ୍ରା ପୁଜାରୀ ମୁଖ୍ୟ ଅତିଥି, ବିଡିଓ ଧର୍ମରାଜ ମାଝି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢୀ, ଏବିଇଓ ନୀଳକଣ୍ଠ ଦାଶ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ପୁରୁଷୋତମ ପାରୀ ଓ ଦୁତିବାହାନ ଖମାରୀ, ସମାଜିକ କର୍ମୀ କଦମ ପୁଜାରୀ, ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବସନ୍ତ ଧୁରୁଆ, ପ୍ରଧାନ ଶିକ୍ଷକ ବାବୁଧର ସାହୁ ଯୋଗଦେଇଥିଲେ। ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ଜୁନାପାଣି ଆଶ୍ରମ ବିଦ୍ୟାଳୟ ପ୍ରଥମ, ଚନ୍ଦାହାଣ୍ଡି ଏମ.ଇ ବିଦ୍ୟାଳୟ ଦ୍ୱିତୀୟ ଏବଂ କେଜିବିଭି ହଳଦୀ ତୃତିୟ ସ୍ଥାନ ଅଧିକାର କରିଥିଲେ। ମୋହରା ସିଆରସିସି ଏମ୍.ବିଘ୍ନେଶ୍ୱର ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୃଷିକେଶ ସୁନାନୀ, ଅଭିରାମ ବଗର୍ତି, ପ୍ରସନ୍ନ ନାୟକ, ତରଣ ପୁଜାରୀ, ସନ୍ତୋଷ କୁମାର ଖମାରୀ , ରେଣୁଧର ପୁଜାରୀ , ସୌରୀ ରଂଜନ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଜମାଦାରପଡା ସିଆରସିସି ତ୍ରିପତୀ ଦଳେଇ ଧନ୍ୟବାଦ ଦେଇଥିଲେ।

**ବ୍ଲକ ସ୍ତରୀୟ ସୁରଭି**



ଅତିଥିଙ୍କ ସହ କୃତି ପ୍ରତିଯୋଗୀ ।

# ଧନଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି

ବିଷମକଟକ,୨୭।୧୦(ଡି.ଏନ୍.ଏ.)

ବିଷମକଟକ ଠାରେ ମାଁ ଧନଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଗୁରୁବାର ସ୍ଥାନୀୟ ଗୁଣ୍ଡିଚା ମନ୍ଦିର (ପୁରୁଣା ବାସ୍‌ଷ୍ଟାଣ୍ଡ) ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମାଁଙ୍କ ପୂଜା ଡିସେମ୍ବର ୧ ରୁ ଆରମ୍ଭ ହୋଇ ୧୦ ରେ ଶେଷ ହେବ। ଶୁଭ ମୁହୂର୍ତ୍ତରେ ପୂଜକ ରାମଚନ୍ଦ୍ର ରଥ, ସପନ କୁମାର ରଥ ଏବଂ କେଶବ ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏ ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ତଥା ଅଶ୍ୱିନୀ କୁମାର ରାଉତ, ଦିଲୀପ କୁମାର ମହାରଣା, ପୃଥ୍ୱୀରାଜ ସାହୁ, କୁଞ୍ଜବିହାରୀ ରାଉତ, ମନୋଜ କୁମାର ପ୍ରଧାନୀ, ପ୍ରଦୀପ କୁମାର ଦାସ, ତପନ କୁମାର ମହାନ୍ତି, ଶଶୀଭୂଷଣ ପଟ୍ଟନାୟକ, ରମାକାନ୍ତ ସେଠି, ପିଣ୍ଟୁ ସୁଙ୍ଖାରି, ବିପିନ ସାହୁ ଉପସ୍ଥିତ ଥିଲେ। ପୂଜା ଶୁଭାରମ୍ଭ ଅବସରରେ ବିଷମକଟକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜା



୧୦ ଦିନ ଧରି ଅନୁଷ୍ଠିତ ହେବ। ମାଁଙ୍କ ମୃଣ୍ମୟୀ ପ୍ରତିମା କିପରି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ସେ ବିଷୟରେ ଅଧିକ ଗୁରୁତ୍ୱ ଦିଆଯିବ। ପୂଜା ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମର କାର୍ଯ୍ୟସାରଣୀ ମଧ ପ୍ରସ୍ତୁତ କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ଅବସରରେ ପୂଜା କମିଟିର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁଡାରି ବ୍ଲକର ୧୧୬୦ ଚାଷୀ ମାଣ୍ଡିଆରୁ ଉପକୃତ

ଗୁଡାରି,୨୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରୀ ବ୍ଲକରେ ମାଣ୍ଡିଆ ଚାଷରେ ଉନ୍ନତି ନିମନ୍ତେ ସେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ ପକ୍ଷରୁ ଚାଷୀଙ୍କ ନିମନ୍ତେ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବା ସହ ସଚେତନ କରାଯାଇଛି। ଏହି କ୍ରମରେ ଗୁରୁବାର ଅସ ପଞ୍ଚାୟତର ଡିମିରିଗୁଡ଼ା ଗ୍ରାମ ନିକଟରେ ଅନୁଷ୍ଠାନର କର୍ମଚାରୀମାନେ ମାଣ୍ଡିଆ କ୍ଷେତରେ କିପରି ମାଣ୍ଡିଆ ଅମଳ କରାଯିବ ତାହାର ପ୍ରାକ୍ଟିକାଲ କରି ଚାଷୀଙ୍କୁ ଦେଖାଇଥିଲେ। କ୍ଷେତରେ କିପରି କମ ଖର୍ଚ୍ଚରେ ଅଧିକ ମାଣ୍ଡିଆ ଉତ୍ପାଦନ ହୋଇପାରିବ ସେ ବିଷୟରେ ବୁଝାଇବା ସହ ଏହି ଚାଷ ଦ୍ୱାରା ଜମିର ଉର୍ବରତା ନଷ୍ଟ ହେବ ନାହିଁ ବୋଲି କହିଥିଲେ।

ଗୁଡାରୀ କୃଷି ବିଭାଗର ଅଧିକାରୀ ରବି ନାରାୟଣ ଗୌଡ଼ ଉପସ୍ଥିତ ରହି ମାଣ୍ଡିଆ ଚାଷ ସମ୍ପର୍କରେ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ ଏବଂ ବର୍ତ୍ତମାନ ବଜାରରେ ମାଣ୍ଡିଆର ଚାହିଦା ବିଷୟରେ କହିଥିଲେ। ଆଗାମି ଦିନରେ ଗଡାରୀ ବ୍ଲକରେ ପ୍ରଭାତ ଅନୁଷ୍ଠାନ ମାଣ୍ଡିଆ ଚାଷରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଗୁଡାରି ବ୍ଲକରେ ଓଡ଼ିଶା ମିଲଟ ମିଶନ ତରଫରୁ ମିଲେଟ କ୍ୟାଫେର ଶୁଭାରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏବେ ବ୍ଲକର ୭ ପଞ୍ଚାୟତରେ ୧୧୬୦ ଚାଷୀ ମାଣ୍ଡିଆ ଚାଷ କରି ଉପକୃତ ହୋଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ପ୍ରଭାତ ଅନୁଷ୍ଠାନର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ମାଣ୍ଡିଆ ଚାଷରେ ଉନ୍ନତି ନେଇ ସଚେତନତା**



ପ୍ରଭାତ ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ଚାଷ ବିଷୟରେ ସଚେତନ କରାଯାଉଛି ।

# ବିଡିଓଙ୍କୁ ପାନୀୟ ଜଳ ସମସ୍ୟା ଜଣାଇଲେ କିରାଖାଲ ଗ୍ରାମବାସୀ

ରାୟଗଡ଼ା ଅଫିସ,୨୭।୧୦

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କିରାଖାଲ ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି। ବାରମ୍ବାର ସମସ୍ୟା ଜଣାଇବା ପରେ ମଧ ସମାଧାନ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଗ୍ରାମବାସୀ ଗୁରୁବାର ସ୍ୱେଚ୍ଛାସେବୀ ସଙ୍ଗଠନ ସେବାସେନାର ପ୍ରତିଷ୍ଠାତା ତଥା ଭାରତୀୟ ଜନତା ଯୁବ ମୋର୍ଚ୍ଚା କଲ୍ୟାଣସିଂହପୁର ମଣ୍ଡଳର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ବଛାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ସମସ୍ୟା ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

**ଶୀଘ୍ର ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯିବ: ବିଡିଓ**

ଗ୍ରାମରେ ୨ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ଗାଁରେ ଲୋକଙ୍କ ପାଇଁ ୨ ଟି ନୂଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ନଳକୂପରୁ ଦୁଇ ହାଣ୍ଡି ପାଣି ବାହାରିବା ପରେ ଆଉ ବାହାରୁନି। ସେହିପରି ଅନ୍ୟ ନଳକୂପ ଉପରେ ସମ୍ପୂର୍ଣ୍ଣ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହି ନଳକୂପରୁ ବାହାରୁ ଥିବା ପାଣି ଗାଁ ଲୋକଙ୍କ ପାଇଁ ଯଥେଷ୍ଟ ହେଉ ନ ଥିବାରୁ ସୋଲାର ପମ୍ପ ସାହାଯ୍ୟରେ ଜଳ ଯୋଗାଣ କିମ୍ବା ନୂତନ ନଳକୂପ ନିର୍ମାଣ କରି ଦେବାକୁ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ବିଡିଓ ଶନିବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଗାଁକୁ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ କିରାଖାଲ ଗ୍ରାମବାସୀଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନ ସେବାସେନାର ବୁଢ଼ାଗୁଡ଼ା ପଞ୍ଚାୟତ ସଭାପତି ବିଶ୍ୱନାଥ ହିକ୍‌କା ଏବଂ ସେବାସେନାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜି ପଦ୍ମପୁର ଶ୍ୟାମାକାଳୀ ପୂଜା ଭସାଣି

ପଦ୍ମପୁର,୨୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଠାରେ ଧୂମଧାମରେ ମାଁ ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ୨୦୦୪ ରୁ ଏଠାରେ ମାଁଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଛି। କରୋନା ଯୋଗୁ ୨ ବର୍ଷ ହେଲା ପୂଜା ବନ୍ଦ ଥିବାବେଳେ ଚଳିତ ବର୍ଷ ପ୍ରବଳ ଜନସମାଗମ ମଧ୍ୟରେ ଅନୁଷ୍ଠିତ ହେଉଛି।

**ଧୂମଧାମରେ ମାଁଙ୍କ ପୂଜା ଅନୁଷ୍ଠିତ**

ପ୍ରତ୍ୟେକ ଦିନ ହୋମ, ଚଣ୍ଡିପାଠ ଏବଂ ହୋମଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ୫ ଦିନ ଧରି ବିଭିନ୍ନ ପୌରାଣିକ କାର୍ଯ୍ୟକ୍ରମ ଯଥା ଗଞ୍ଜାମ ଜିଲାର ପ୍ରସିଦ୍ଧ ପ୍ରହ୍ଲାଦ ନାଟକ, ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର, ପଶ୍ଚିମ ଓଡ଼ିଶାର ବରଗଡ଼ ମେଲୋଡି, ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପଦ୍ମପୁର ଆଞ୍ଚଳିକ କଳାକାରଙ୍କ ଦ୍ୱାରା କଳାତୀର୍ଥ ଭଜନ ସମାରୋହକୁ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ଅତିଥି ଭାବେ ପୂଜାରେ ଯୋଗଦେଇ ଭଜନ ସମାରୋହର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକ ଅଧକ୍ଷା ମଣିମାଳା ଶବର, ପୂର୍ବତନ ଅଧକ୍ଷ ରମାକାନ୍ତ ମାଝି, ଜିଲା ଛାତ୍ର ବିଜେଡିର ସଭାପତି ବିଷ୍ଣୁ ପଣ୍ଡା, ଅଶ୍ୱିନୀ ଗମାଙ୍ଗ, ଦଳୀୟ ନେତା ରଞ୍ଜିତ ପାଣିଗ୍ରାହୀ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ଦେବେନ୍ଦ୍ର ପାଢ଼ୀ, ଗଦାଧର ଅଧିକାରୀ, ସରୋଜ କୁମାର ଦାସ, ଟୁକୁନା ପଣ୍ଡା, ବାଲାଜୀ ପାଢ଼ୀ, ରାମାନନ୍ଦ ସାହୁଙ୍କ ସମେତ ପୂଜା କମିଟି ସଭାପତି ଗୋଦାବରୀ ରାଉତ ଉପସ୍ଥିତ ଥିଲେ। ଶୁକ୍ରବାର ମାଁଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ।



ପଦ୍ମପୁରଠାରେ ମା'ଶ୍ୟାମାକାଳୀଙ୍କ ପୂଜା ।

# ୪୦ ବର୍ଷରେ ରାୟଗଡ଼ାର ମାଁ ଦକ୍ଷିଣକାଳୀଙ୍କ ପୂଜା

ରାୟଗଡ଼ା ଅଫିସ,୨୭।୧୦

ରାୟଗଡ଼ା ଠାରେ ମାଁ ଦକ୍ଷିଣକାଳୀଙ୍କ ପୂଜା ଆଡମ୍ବରରେ ପାଳନ କରାଯାଉଛି। ମାଁଙ୍କ ପୂଜା ୪୦ ବର୍ଷରେ ପଦାର୍ପଣ କରିଥିବାବେଳେ କରୋନା କଟକଣା ପରେ ପୂଜା ପାଇଁ ଲୋକଙ୍କ ମଧ୍ୟରେ ବେଶ ଉତ୍ସାସ ଦେଖିବାକୁ ମିଳିଛି। ରାୟଗଡ଼ା ଫ୍ରେଣ୍ଡସ ୟୁଥ୍ ଆସୋସିଏଶନ ପକ୍ଷରୁ ଧୂମ୍‌ଧାମରେ ପୂଜା ପାଳନ କରାଯାଉଛି। ରାୟଗଡ଼ା ବ୍ଲକ କର୍ଯ୍ୟାଳୟ ନିକଟସ୍ଥ ପ୍ରସିଦ୍ଧ ମାଁ ଦକ୍ଷିଣକାଳୀଙ୍କ ପୀଠରେ ୨୪ ରେ ମାଁଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ପକ୍ଷରୁ ପୂଜା ୪୦ ବର୍ଷରେ ପଦାର୍ପଣ କରିଥିବାରୁ ପୂଜା କମିଟି ଏହି ସଫଳତା ପାଇଁ କମିଟିର ବରିଷ୍ଠ ସଦସ୍ୟ ଏବଂ ଶ୍ରଦ୍ଧାଳୁଙ୍କୁ ଶ୍ରେୟ ଦେଇଛନ୍ତି।

୨୪ ରୁ ଆରମ୍ଭ ହୋଇଥିବା ମାଁଙ୍କ ପୂଜା ନଭେମ୍ବର ୪ ପର୍ଯ୍ୟନ୍ତ ଚାଲିବ।



ରାୟଗଡ଼ା ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଆୟୋଜିତ ପୂଜା ।

ଅକ୍ଟୋବର ୨୫ ରେ ମାଁ ଗୁରୁତାରାଙ୍କ ପୂଜା କରାଯାଇଥିବାବେଳେ ୨୬ ରେ ତ୍ରିପୁରା ସୁନ୍ଦରୀ, ୨୭ ରେ ଭୁବନେଶ୍ୱରୀ, ୨୮ରେ ତ୍ରିପୁରା ଭୈରବୀ, ୨୯ ରେ ମା ଛିନ୍ନମସ୍ତା, ୩୦ରେ ଧୂମାବତୀ ଏବଂ ୩୧ରେ ମାଁ ବଗଳାମୁଖୀଙ୍କ ପୂଜାବିଧି ଅନୁଷ୍ଠିତ ହେବ। ସେହିଭଳି ନଭେମ୍ବର ୧ ରେ ମା ମାତଙ୍ଗିନୀ, ୨ରେ କମଳାମ୍ବିକା ଏବଂ ୪ ରେ ବାଲ୍ୟକୁମାରୀ ଆଦି ଦଶମହାବିଦ୍ୟା ପୂଜା କାର୍ଯ୍ୟକ୍ରମ ରହିଛି। ୪ ରେ ମାଁଙ୍କ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ପୂଜାରେ ବିଭିନ୍ନ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ବର୍ଷର

**ମାଁଙ୍କ ଦର୍ଶନ ସାଙ୍ଗକୁ ବିଭିନ୍ନ ଖାଦ୍ୟ ଷ୍ଟଲରେ ଭିଡ଼**

ମେଢ଼ ଏବଂ ମଣ୍ଡପ ଭକ୍ତଙ୍କୁ ବେଶ୍ ଆକର୍ଷିତ କରିଥିବା ନେଇ କମିଟିର କୋଷାଧକ୍ଷ ଗୌରି ପଟ୍ଟନାୟକ ପ୍ରକାଶ କରିଛନ୍ତି। ପୂଜାରେ ପ୍ରତିବର୍ଷ ଭଳି ବିଭିନ୍ନ ସୁଆଦିଆ ଖାଦ୍ୟ ବ୍ୟଞ୍ଜନ ଏବଂ ଭିନ୍ନ ଭିନ୍ନ ସାମଗ୍ରୀ ଆଦିର ପ୍ରାୟ ୧୩୦ରୁ ଉର୍ଦ୍ଧ୍ୱ ଷ୍ଟଲ ଲାଗିଛି। ମଥୁରା କେକ୍, ପୁରୀ ମାଲପୁଆ ଖାଇବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ମାଁ ଦକ୍ଷିଣକାଳୀଙ୍କ ପୂଜାକୁ କମିଟିର ସଭାପତି ଦିଲୀପ ପଟ୍ଟନାୟକ, ଉପ ସଭାପତି ଶିବାଜୀ ଦାସ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ରାମପୁରି ଗଣେଶଙ୍କ ସମେତ ସମସ୍ତ କମିଟି ସଦସ୍ୟ ଶୃଙ୍ଖଳିତ ଭାବେ ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ଶହୀଦ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି

କୋଡ଼ିଙ୍ଗା, ୨୭।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ପୋଲିସ ଓ ସ୍କୁଲର ମିଳିତ ଆନୁକୂଲ୍ୟରେ ଶହୀଦ ପ୍ରଶାନ୍ତ ପାତ୍ରଙ୍କ ସ୍ମୃତିସଭା ଆୟୋଜିତ ହୋଇଛି। ଅଧକ୍ଷା ଅମିତା ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଡିଏସ୍‌ପି ପୁରୁଷୋତ୍ତମ ଭୋଇ, କୋଡିଙ୍ଗା ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ଉପାଧକ୍ଷ ବିବେକ ମହାଳିକ, ଅଧାପକ ଡ. ରବି ପାଣିଗ୍ରାହୀ, ଅଧାପକ ଅଖିଳ କୁମାର ଭଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ଶହୀଦ ପ୍ରଶାନ୍ତ ପାତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥଲେ। ସଭା ପରେ ଛାତ୍ରୀଛାତ୍ର ଏବଂ ପୋଲିସ ବ୍ୟାଣ୍ଡ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ବିଦ୍ୟାଳୟ ଏବଂ ଥାନାର ସମସ୍ତ କର୍ମଚାରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରକାଶ ଯେ, ଶହୀଦ ପ୍ରଶାନ୍ତ ପାତ୍ର ରାଜ ଚାଉଁରିଆ ବିଦ୍ୟାଳୟରେ ପଢ଼ି ସାରିବା ପରେ ଉଚ୍ଚଶିକ୍ଷା ସମାପ୍ତ କରି ପୋଲିସ ଚାକିରିରେ ଯୋଗ ଦେଇଥିଲେ। ୨୪ ସେପ୍ଟେମ୍ବର ୨୦୧୧ରେ ରାଇଘର ଗୋନଠାରେ ସେ ଆତତାୟୀଙ୍କ ଗୁଳିରେ ଶହୀଦ ହୋଇଥିଲେ।

### ଏଏପି କର୍ମକର୍ତ୍ତାଙ୍କୁ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ

କୋରାପୁଟ, ୨୭।୧୦(ସ୍ୱ.ପ୍ର.)-୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏବେଠାରୁ ଏଏପି ପକ୍ଷରୁ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଜରିଆରେ ନିଜ ପାଡିଆରା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନଜରରେ ରଖି ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ଦଳ ପକ୍ଷରୁ ନିରୀକ୍ଷକ ଦାୟିତ୍ୱ ଦିଆଯାଇଛି। ଏଏପିର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ଅନୁମତି ଓ ଜିଲା ନିରୀକ୍ଷକ ସତ୍ୟଜିତ ମହାନ୍ତିଙ୍କ ସହମତିକ୍ରମେ ଅନିଲ ପାତ୍ରଙ୍କୁ କୋଟପାଡ, ପ୍ରଫୁଲ୍ଲ ଖୋସ୍‌ଲାଙ୍କୁ ଜୟପୁର,ଉପେନ୍ଦ୍ର ତଳମାରୀଙ୍କୁ କୋରାପୁଟ ନିର୍ବାଚନ ମଣ୍ଡଳୀ ନିରୀକ୍ଷକ ଦାୟିତ୍ୱ ଦିଆଯାଇଛି। ରଞ୍ଜିତ ଜାନିଙ୍କୁ ଲକ୍ଷ୍ମୀପୁର ଓ ମମତା ମଲ୍ଲିକଙ୍କୁ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ନିରୀକ୍ଷକ ଦାୟିତ୍ୱ ଦିଆଯାଇଛି। ଚନ୍ଦନ ବାହେଲଙ୍କ ଜୟପୁର ସହ ନିରୀକ୍ଷକଭାବେ ଦାୟିତ୍ୱ ଦିଆଯାଇଛି। ସବୁ ନିର୍ବାଚନ ମଣ୍ଡଳୀରେ ସଂଗଠନ ମଜଭୁତ କରିବା ସହ ବ୍ଲକସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାଣି ଓ ରୋଜଗାର ନେଇ ଏଏପି ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଦଳର ଜିଲା କନ୍‌ଭେନର ରବିନାରାୟଣ ପାତ୍ର ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

### ବରିଷ୍ଠ ନାଗରିକ କମିଟିର ଶ୍ରଦ୍ଧାଞ୍ଜଳି ସଭା

ନବରଙ୍ଗପୁର,୨୭।୧୦(ବି.ପ୍ର.)-ନବରଙ୍ଗପୁର କୁଞ୍ଜ ବିହାରୀ ମଠରେ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ କମିଟି ସମ୍ପାଦକ ବି ରାମ ମୂର୍ତ୍ତି ପଟ୍ଟନାୟକଙ୍କ ଆବାହନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ଅଧକ୍ଷ ଡ ରାଧାନାଥ ବେହେରା ସଭାପତିତ୍ୱ କରିଥିଲେ। ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ନାଗରିକ କମିଟି କାର୍ଯ୍ୟନିର୍ବାହୀ ସଦସ୍ୟ ଭି.ଜଗନ୍ନାଥ ରାଓଙ୍କ ବିୟୋଗରେ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଅନ୍ୟମାନଙ୍କ ମଧରେ ବିଜୟ ଚୌଧୁରୀ, ଜଗଦୀଶ ତ୍ରିପାଠୀ, ବି.ଭି. ରାମଣା ମୂର୍ତ୍ତି, ବି. ତ୍ରିମୂର୍ତ୍ତି, ଗଣେଶ୍ୱର ଦାଶ, ପର୍ଶୁରାମ ସାହୁ, ଭି.ପ୍ରସାଦ ରାଓ, ବିଷ୍ଣୁ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

# ଚାଷୀଙ୍କ ଅଜାଣତରେ ଉଠିଛି କାଳିଆ, ପିଏମ୍ କିଷାନ ଅର୍ଥ

ନବରଙ୍ଗପୁର/କୋଡିଙ୍ଗା, ୨୭।୧୦(ବି.ପ୍ର./ଡି.ଏନ୍.ଏ.)

- ଚାଷୀ କଲବଲ, ଶାସକ ବିରୋଧୀ ଚୁପ୍
- ଅଭିଯୋଗ ପରେ ତଦନ୍ତ ଶିଥିଳ

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଜନକଲ୍ୟାଣ ଯୋଜନା ରହିଛି। ଏହାର ତଦାରଖ କରିବା ପାଇଁ ପଞ୍ଚାୟତରୁ ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ ପଦାଧିକାରୀ ଓ ସଚିବ ଅଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଗାଁ ଗାଁରେ ପଦଯାତ୍ରା କରି ସରକାରୀ ଯୋଜନାର ସଚେତନ କରାଉଛନ୍ତି। ବିରୋଧି ଦଳଗୁଡିକ ସରକାରଙ୍କୁ ଟାର୍ଗେଟ କରି ଯୋଜନାର ବିଫଳତା ନେଇ ହୁଙ୍କାର ଛାଡୁଛନ୍ତି। ତେବେ ନବରଙ୍ଗପୁର ଜିଲାରେ ବିରୋଧି ଦଳଗୁଡିକ ଦୁର୍ବଳ ଥିବାରୁ ନିଷ୍ପେଷିତ, ଅସହାୟ, ନିର୍ଯ୍ୟାତିତ ଓ ଠକାମିର ଶିକାର ହୋଇଥିବା ଲୋକଙ୍କ ପାଇଁ କଣ୍ଠ ଦବି ଯାଇଛି । ସରକାରୀ ଯୋଜନାର ଅର୍ଥ ହଡପ ହୋଇ ଯାଉଥିଲେ ମଧ ଶାସକ ଦଳର ନେତାଙ୍କ ଦୃଷ୍ଟି ନ ପଡିବା, କେବଳ ଯୋଜନା ଗୁଡିକ ପଦଯାତ୍ରରେ ବଖାଣିବା ଏବେ ବିଡମ୍ବନାର ବିଷୟ ପାଲଟିଛି।

ନବରଙ୍ଗପୁର ଜିଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଜିଲାର କୋଷାଗୁମୁଡା ବ୍ଲକ ଅଧୀନ ଉପାନ୍ତ ଏକରି ପଞ୍ଚାୟତର ସଦର, ଅଲେଖଗୁଡା, ନୁନ୍ ପାଣି, ପୁଜାରୀଗୁଡା ସମେତ ୭ ଖଣ୍ଡ ଗାଁର ୨ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ କାଳିଆ ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା ଟଙ୍କା ୨୦୧୯ ପରଠାରୁ ସେମାନଙ୍କ ଅଜାଣତରେ ଜଣେ ଯୋଗାଣ ସହାୟକ ଚଞ୍ଚକତା କରି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ପଡିକାର୍ଡଗୁଡିକରେ ଆଧାର ସଂଯୋଗୀକରଣ ହେବ ବୋଲି ହିତାଧିକାରୀଙ୍କ ଆଧାର ଓ ଭୋଟ ପରିଚୟପତ୍ର ମାଗି ନେଇଥିଲେ। ପରେ ହିତାଧିକାରାରୀଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡିକରେ କେୱାସି ଅପଡେଟ୍ କରି ଚଞ୍ଚକତା କରିଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ୨୦୧୯ ବେଳକୁ ପ୍ରତି ହିତାଧିକାରୀଙ୍କ ଆକାଉଣ୍ଟକୁ କାଳିଆ ଯୋଜନାର ସହାୟତା ରାଶି ଦୁଇ କିସ୍ତିରେ ୬ ହଜାର ଟଙ୍କା ଓ ପିଏମ କିଷାନ ଯୋଜନାରୁ ଦୁଇ କିସ୍ତିରେ ୪ହଜାର ଟଙ୍କା ଆସୁଥିଲା। ପରବର୍ତ୍ତୀ ସମୟରେ ଅନୁଦାନ ରାଶି ନ ପାଇ ଅଲେଖଗୁଡା ଗାଁର ଚାଷୀମାନେ କୃଷି ବିଭାଗକୁ ଯାଇ ପଚାରିଥିଲେ। ସେମାନଙ୍କ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଅଧିକାରୀ ଜଣଙ୍କ କହିଥିବା ସହ ତାହାର ଏକ ନକଲ ମଧ ଦେଇଥିଲେ। ଚଞ୍ଚକତା କରି ସେମାନଙ୍କ ନାମରେ ଆଉ ଗୋଟିଏ ଲେଖାଏ ବ୍ୟାଙ୍କ ଆକାଉଣ୍ଟ ଖୋଲା ଯାଇଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏହାପରେ ଚାଷୀ ବୁଦ୍ରୀ ଭତରା, ମଙ୍ଗଳଦେଇ ଭତରା, ସନମତି ଭତରା, ସନାଇ ଭତରାଙ୍କ ସମେତ ଅନ୍ୟ ମହିଳା ଚାଷୀମାନେ କୋଡିଙ୍ଗା ଥାନାରେ ୨୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। କେତେକ ହିତାଧିକାରୀଙ୍କ ଏଟିଏମ୍ ଓ କିଓସ୍କ ବ୍ୟାଙ୍କରେ ଟିପ ଚିହ୍ନ ବ୍ୟବହାର କରି ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଚାଷୀମାନେ କାଳିଆ ଟଙ୍କା ଖାତାକୁ ଆସି ନ ଥିବା ନେଇ ୩ବର୍ଷ ମଧ୍ୟରେ ଅନେକ ଥର ଯାଇ ପଚାରିଛନ୍ତି। ବାୟୋମେଟ୍ରିକ ମେଶିନରେ ଟିପ ଚିହ୍ନ ନେଇ ଆକାଉଣ୍ଟ ଯାଞ୍ଚ ଟଙ୍କା ଉଠାଇ ଜଣେ ବ୍ୟକ୍ତି ହଡପ କରିଛନ୍ତି। ଚାଷୀଙ୍କ ଟଙ୍କା ଉଠାଇବା ପାଇଁ ଯେଉଁ ଚଞ୍ଚକତା ହୋଇଛି ସେଥିରେ ଆଉ କିଛି ଗୋଷ୍ଠୀ ସାମିଲ ଥିବା ମଧ ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସଠିକ ଆକାଉଣ୍ଟରେ ଟଙ୍କା ଥିଲେ ମଧ ଆକାଉଣ୍ଟରେ ଯାଞ୍ଚ ନାଁରେ ଉଠାଇ ହଡପ ହୋଇଥିବା ଜଣାପଡିଛି । ଏନେଇ କୋଷାଗୁମୁଡା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଚାଷୀମାନେ ମୌଖିକ ଅଭିଯୋଗ କରିଥିଲେ। ତଥାପି କୃଷି ବିଭାଗ କର୍ମଚାରୀଙ୍କୁ ନେଇ ଏକ ଟିମ ଗଠନ କରି ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୂଜା ପାଉଛନ୍ତି ୩୨ ଫୁଟ୍‌ର ମାଁ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି

ଉମରକୋଟ, ୨୭।୧୦(ସ୍ୱ.ପ୍ର.)



- ଉମରକୋଟ ଯୁଭି-୫୨ ବଙ୍ଗୀୟ ଗାଁ
- ୫୦ ବର୍ଷ ଧରି ଚାଲିଛି ପୂଜା

ଏବେ ପାର୍ବଣ ଋତୁ। ନବରଙ୍ଗପୁର ଜିଲାର ଉମରକୋଟ ଓ ରାଇଘର ହେଉଛି ବଙ୍ଗୀୟ ଭାଷାଭାଷୀ ବହୁଳ ଅଞ୍ଚଳ। ଏହି ୨ଟି ବ୍ଲକରେ ପ୍ରାୟ ୭୦ଖଣ୍ଡ ବଙ୍ଗୀୟ ଗ୍ରାମ ରହିଛି। ବଙ୍ଗୀୟ ଗ୍ରାମଗୁଡ଼ିକରେ ବହୁ ଧୁମଧାମରେ ଦେବୀ ମାଁ ଙ୍କ ପୂଜାର୍ଚ୍ଚନା କରାଯାଏ। ଦଶହରାର ୨୦ ଦିନ ପରେ ପଡ଼େ ମାଁ କାଳୀଙ୍କ ପୂଜା। ଦୁର୍ଗାପୂଜାଠାରୁ ହିଁ ବଙ୍ଗୀୟ ଗ୍ରାମଗୁଡ଼ିକ ଚଳଚଞ୍ଚଳ ହୋଇପଡ଼େ। ସଂସ୍କୃତି ଓ ଧର୍ମକୁ ଭଲ ପାଉଥିବା ବଙ୍ଗୀୟ ଲୋକେ କାଳୀପୂଜାକୁ ଅତି ଧୁମଧାମରେ ପାଳନ କରିଥାନ୍ତି। ପ୍ରତି ବଙ୍ଗୀୟ ଗ୍ରାମରେ ମାଁ ପୂଜା ପାଇଥାନ୍ତି। ପ୍ରତିଦିନ କିଛି ନା କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି।

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ୟୁଭି-୫୨ ବଙ୍ଗୀୟ ଗ୍ରାମରେ ବହୁ ଧୁମଧାମରେ ଚାଲିଛି ମାଁଙ୍କ ପୂଜା। ଏଠାରେ ଦଶଦିନ ଧରି ପୂଜା କରାଯାଏ। ୩୨ ଫୁଟ ଉଚ୍ଚର ମାଁଙ୍କ ମୃଣ୍ମୟୀ ମୂର୍ତ୍ତି ଏଠାକାର ବିଶେଷତ୍ୱ। ସମ୍ପୂର୍ଣ୍ଣ ବଙ୍ଗୀୟ ପରମ୍ପରା ଓ ରୀତିନୀତିରେ ପୂଜା କରାଯାଏ। ୧୦୦୧ ଦୀପ ପ୍ରଜ୍ୱଳନ ସହ ଝୁଣା ଆଳତି ବି ହୋଇଥାଏ। ବିସର୍ଜନ ପୂର୍ବରୁ ସିନ୍ଦୂର ଖେଳ ବି ହୁଏ। ୟୁଭି ୫୨ ଗ୍ରାମର ଏହି କାଳୀପୂଜା ଓଡ଼ିଶା ପ୍ରସିଦ୍ଧ। ଏହି ପୂଜା ଦେଖିବାକୁ ଜିଲା ଓ ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁ ଆସନ୍ତି। ଏଠାରେ ମିନାବଜାର ଓ ଦୋଳି ପଡ଼ିଛି। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଭକ୍ତଙ୍କ ସୁରକ୍ଷା ପାଇଁ କାମ କରିବାକୁ କମିଟି ପକ୍ଷରୁ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ରେକର୍ଡ ଡାନ୍ସ, ସ୍କୁଲ ପିଲାଙ୍କ ନୃତ୍ୟ, ବେଙ୍ଗଲି ବାବୁଲ ଗାନ୍ ଓ ବଙ୍ଗଳା ଗୀତିନାଟ୍ୟ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏହି ପୂଜା ଦେଖିବା ପାଇଁ ଆସିଥିଲେ। ଶୁକ୍ରବାର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜଗନ୍ନାଥ ସାରକା କାଳୀପୂଜା ଦେଖିବାକୁ ଆସିବା କାର୍ଯ୍ୟକ୍ରମ ରହିଛି ବୋଲି ପୂଜା କମିଟି ସଭାପତି ମାନସ ଭୌମିକ କହିଛନ୍ତି। ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପୂଜା ଚାଲିଥିବା ଜଣାପଡ଼ିଛି।

## ଏଆର୍‌ଏସ୍‌ଏସ୍ କମ୍ପାନୀରୁ ମେଶିନ ଲୁଟ୍ ଘଟଣାରେ ଯୁବକ ଗିରଫ

କୋରାପୁଟ, ୨୭।୧୦(ସ୍ୱ.ପ୍ର.)

କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ଏଆର୍‌ଏସ୍‌ଏସ୍ କମ୍ପାନୀର ଡିଜିଟାଲ ମିଟର ଏଜେଏକ୍ସ ମେଶିନ ଲୁଟ ଅଭିଯୋଗରେ ବୁଧବାର କୋରାପୁଟ ଟାଉନ ପୋଲିସ ନୟାଗଡ ଜିଲାର ଅଜୟ କୁମାର ବରାଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କୁ ରାୟଗଡ଼ା ଜିଲା ଗୁଣପୁରରୁ ଗିରଫ କରାଯାଇଛି। ତାଙ୍କଠାରୁ ୨ ଲକ୍ଷ ଟଙ୍କାର ଏଜେଏକ୍ସ ମେସିନ ଜବତ କରାଯାଇଥିବା ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୋରାପୁଟସ୍ଥିତ ରେଲୱେ କାର୍ଯ୍ୟରେ ନିୟୋଜିତ ଏଆର୍‌ଏସ୍‌ଏସ୍ କମ୍ପାନୀରୁ ଜୁନ ୩ ତାରିଖରେ ଡିଜିଟାଲ ଏଜେଏକ୍ସ ମେଶିନକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ଏନେଇ କୋରାପୁଟ ଥାନାରେ ଉକ୍ତ ଦିନ କମ୍ପାନୀ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ୧୪୪/ ୨୨ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିଲା।

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଜୟପୁର, ୨୭।୧୦ (ନି.ପ୍ର.)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଜୟପୁର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପଡୁଆ ଥାନା ଅଧୀନ ଭେଜାଗ୍ରାମର ରଞ୍ଜନ ମାଟମ। ପୋଲିସ ସୂଚନା ଅନୁଯାୟୀ, ୮ ବର୍ଷ ତଳେ ରଞ୍ଜନ ମାଟମଙ୍କୁ ମହିଳା ଜଣଙ୍କ ବିବାହ କରିଥିଲେ। ସ୍ୱାମୀ ଓ ପରିବାର ଲୋକେ ମିଶି ତାଙ୍କୁ ନିର୍ଯାତନା ଦେଉଥିବା ନେଇ ମହିଳା ଜଣଙ୍କ ସ୍ଥାନୀୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତାଙ୍କ ସ୍ୱାମୀଙ୍କ ସହ ୪ ଜଣଙ୍କ ନାମରେ ୧୧୭/୨୨ରେ ମାମଲା ରୁଜୁ କରିଛି। ରଞ୍ଜନଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ମହିଳା ଥାନାଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଜୁଆଆଡ୍ଡାରେ ଚଢ଼ାଉ

ଜୟପୁର ୨୭।୧୦(ନି.ପ୍ର.)

ଜୟପୁର ସହର ପାରାବେଡ଼ା ସତ୍ୟ ଅଧିକାରୀ ଛକ ନିକଟରେ ଥିବା ଏକ ଘରେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଟାଉନ ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୨ ହଜାର ୫ ଶହ ଟଙ୍କା ସହ ତାସ୍ ଆଦି ଜବତ କରାଯାଇଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ତାଲିମ

ମୁନିଗୁଡ଼ା,୨୭।୧୦(ଡି.ଏନ୍.ଏ.)

**ଅଗ୍ନିଶମ ବିଭାଗର ମକଡ୍ରିଲ**

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ କୁମୁଡ଼ାବାଲି ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ପରିସରରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜର ଏବଂ ଅନ୍ୟମାନଙ୍କ ଜୀବନ ସୁରକ୍ଷା କରାଯାଇ ପାରିବ ସେ ନେଇ ନିଜେ ରକ୍ଷା ପାଇବା ସହ ଅନ୍ୟ ର ଜୀବନକୁ କିପରି ରକ୍ଷାକରି ପାରିବେ ସେ ନେଇ ଛାତ୍ରୀମାନଙ୍କୁ ତାଲିମ ଦିଆଯାଇଥିଲା। ଅଫିସ ଅଧିକାରୀ କୁଶ ନାୟକ, ହାବିଲଦାର ଅଭିରାମ ନାୟକ, ଆଗ୍ନିକ ରୁବୁନା ଗୌଡ଼, ହେମନ୍ତ କୁମାର ଭୋଇ, ବିଶ୍ୱନାଥ ସାହୁକାର, ଅରକ୍ଷିତ ରେଡ୍ଡି, ତୁଳାରାମ ସାହୁ ଓ ପୁରୁଷୋତ୍ତମ ନାୟକ ବିଭିନ୍ନ ପ୍ରକାର ରଣକୌଶଳ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବାରିକ ଓ ନାରାୟଣ ପଣ୍ଡା ଏଥିରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି ।



@ ଦେବ



@ ସତ୍ୟନାରାୟଣ



@ ସୁମନ

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
rgdselfie@gmail.com
ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

ରାୟଗଡ଼ା ଅଫିସ,୨୭।୧୦

ରାୟଗଡ଼ା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭାଗୃହ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଟୁନି ହୁଇକା ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତି ଉପାଧକ୍ଷ ହର ପ୍ରସାଦ ହେପ୍ରୁକା ଯୋଗ ଦେଇଥିବା ବେଳେ ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ଏବିଡିଓ କାଳୁ ଚରଣ ନାୟକ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲା ସଦର ଚିକିତ୍ସାଳୟରୁ ଆସିଥିବା ଡାକ୍ତର ରଞ୍ଜନ କୁମାର ସାହୁ, ଅର୍ଥୋପେଡିକ୍ ବିଭାଗ ଡାକ୍ତର ସଂଘମିତ୍ରା, ମୁକ ଓ ବଧିର ବିଭାଗ, କର୍ଣ୍ଣ, ନାସା ଓ ଗଳା ବିଭାଗ ଏବଂ ଚକ୍ଷୁ ବିଭାଗର ଡାକ୍ତର ଉପସ୍ଥିତ ଥିଲେ। ସେହିଭଳି ଗୋଷ୍ଠୀ ସାମାଜିକ ସୁରକ୍ଷା ଆଧିକାରୀ ରଞ୍ଜିତା ବେହେରା, ଜିପିଇଓ ଗୋପାଳ ପଣ୍ଡା, ପିଏ ପେଦେନା ଶ୍ରୀକାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସହଯୋଗ କରିଥିବା ବେଳେ ଚିକିତ୍ସାଳୟର କର୍ମଚାରୀ ଉପସ୍ଥିତ ରହି ହିତାଧିକାରୀ ଓ ରୋଗୀଙ୍କ ପରୀକ୍ଷା କରିଥିଲେ। ଶିବିରରେ ୧୩୭ ରୁ ଉର୍ଦ୍ଧ୍ୱ ହିତାଧିକାରୀ ଓ ବିଭିନ୍ନ ରୋଗୀ ପଞ୍ଜୀକରଣ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଏହାର ପରିଚାଳନା କରିଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ସହଯୋଗ କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ଆଗରେ ନାରୀ ମହାସଂଘର ଧାରଣା

ଝରିଗାଁ, ୨୭।୧୦(ସ୍ୱ.ପ୍ର.)

**ମଦଦୋକାନ ବନ୍ଦ ଦାବି**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ନାରୀ ମହାସଂଘର ସଦସ୍ୟମାନେ ଝରିଗାଁ ସଦର ମହକୁମାରେ ଥିବା ମଦଦୋକାନ ବନ୍ଦ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରଶାସନ ପକ୍ଷରୁ ମଦଦୋକାନ ବନ୍ଦ ପାଇଁ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଗୁରୁବାର ସକାଳ ପ୍ରାୟ ୧୦ଟାରୁ ଝରିଗାଁ ବ୍ଲକ ନାରୀ ମହାସଂଘର ବହୁ ସଦସ୍ୟ ଝରିଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତମ୍ବୁ ଟାଣି ଧାରଣାରେ ବସିଥିଲେ। ଯେତେଦିନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ମଦ ଦୋକାନ ବନ୍ଦ ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାରେ ବସିଥିବା ମହିଳାମାନେ କହିଛନ୍ତି। ଅଗଷ୍ଟ ୧୪ରେ ଝରିଗାଁ ନାରୀ ମହାସଂଘ ସହ ବ୍ଲକର ଶତାଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଅକ୍ଟୋବର ୧୯ରେ ପୁଣି ଥରେ ନାରୀ ମହାସଂଘ ପକ୍ଷରୁ ବିଡିଓ ଏବଂ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଦେବାର ୮ଦିନ ବିତିଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶେଷରେ ବାଧହୋଇ ଝରିଗାଁ ନାରୀ ମହାସଂଘର ସମସ୍ତ ମହିଳା ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ମହିଳାମାନେ ଧାରଣାରେ ବସିଛନ୍ତି।

# 'ସୁରଭି' ମଞ୍ଚରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଡାବୁଗାଁ/କୋଷାଗୁମୁଡ଼ା, ୨୭।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଉଛି। ବିଭନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

ଡାବୁଗାଁ ବ୍ଲକ ଅଧୀନ ଭୁତପୂର୍ବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗୀତା ହୋଇଥିଲା। ନୃତ୍ୟରେ ବୋରିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (୧ମ) ଓ ବଡଓଲମା ଆଶ୍ରମ ବିଦ୍ୟାଳୟ-୧ (୨ୟ) ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏଡିଇଓ ରେଶମଲାଲ ନାୟକ, ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଏବିଇଓ ସୌମେନ୍ଦ୍ର ଭୌମିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନେ ପରିଚାଳନା କରିଥିଲେ।

କୋଷାଗୁମୁଡା ସଦର ମହକୁମାସ୍ଥିତ ଟିଓଏମ୍‌ୟୁ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ୨୬ ପଞ୍ଚାୟତର ସ୍କୁଲ ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ। ବ୍ଲକ ଅଧକ୍ଷ ସର୍ବେଶ୍ୱରୀ ମାଝି ମୁଖ୍ୟ ଅତିଥି, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଧନାଏ ଭତ୍ରା, ସମିତ ସଭ୍ୟ ଲକ୍ଷ୍ମଣ ପୂଜାରୀ ସମ୍ମାନିତ ଅତିଥି, ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଥିଲେ। ବିଇଓ ସୁବାସ ଚନ୍ଦ୍ର ରାୟ, ଏବିଇଓ ଦିଗାମ୍ବର ହରିଜନ ଓ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୨୮ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଏମ୍.ଭି. ୯ରେ ବୃଦ୍ଧାଙ୍କୁ ହତ୍ୟା ଘଟଣାର ତଦନ୍ତ ଆରମ୍ଭ



ମାଲକାନଗିରି, ୨୭।୧୦ (ଡି.ଏନ.ଏ.)- ମାଲକାନଗିରି ସଦର ବ୍ଲକ ଗୌଡ଼ଗୁଡା ପଞ୍ଚାୟତ ଏମ୍.ଭି.-୯ ଗ୍ରାମରେ ବୁଧବାର ହିରା ଗୋସ୍ୱାମୀ ନାମକ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଜଣାପଡିବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ହତ୍ୟାକାରୀଙ୍କ କୌଣସି ସନ୍ଧାନ ମିଳି ନ ଥିବା ବେଳେ ଗୁରୁବାର କୋରାପୁଟରୁ ସାଇଁଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏମ୍.ଭି.-୯ ଗ୍ରାମରେ ଏକ ଆମ୍ବତୋଟାରେ ଘର କରି ରହୁଥିବା ହୀରାଙ୍କୁ ମଧ ରାତିରେ ଘରୁ ଉଠାଇ ନେଇ ହତ୍ୟା କରି ଘର ପଛପଟ ଜମିରେ କେହି ଦୁର୍ବୃତ୍ତ ଫିଙ୍ଗି ଚାଲିଯାଇଥିଲେ। ସକାଳୁ ତାଙ୍କ ମୃତଦେହ ମିଳିଥିଲା।

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୨୭।୧୦ (ନି.ପ୍ର.)-ପାରିବାରିକ କଳହରୁ ଜୟପୁର ସହରର ଜଣେ ଯୁବକ ବିଭିନ୍ନ ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପାୱାର ହାଉସ କଲୋନିର ୫ମ ଲାଇନରେ ରହୁଥିବା ଗଙ୍ଗାଧର ପାତ୍ର (୪୧)। ଗଙ୍ଗାଧର ବିଭିନ୍ନ ଔଷଧ ଖାଇ ଗୁରୁତର ହୋଇପଡିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଟାଉନ ଥାନା ପୋଲିସ ୩୪/୨୨ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
#### ପ୍ରଥମ ମ୍ୟାଚ୍‌ରେ ଡାବୁଗାଁ ବିଜୟୀ

ଜୟପୁର, ୨୭।୧୦ (ନି.ପ୍ର.)- ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ କଲେଜ ପଡିଆରେ ଗୁରୁବାର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଡାବୁଗାଁର ଭୈରବୀ ମହାବିଦ୍ୟାଳୟ ବିଜୟୀ ହୋଇଛି। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ହେଉଥିବା ଏହି ୫୨ତମ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ ଗୋପାଳ ହାଲ୍‌ଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୧ରେ ଫାଇନାଲ ମ୍ୟାଚ ହେବ। ଟୁର୍ଣ୍ଣାମେଣ୍ଟରେ ୨୦ଟି କଲେଜ ଭାଗ ନେଇଛନ୍ତି।

### ବିଏସ୍‌ଏଫ୍ ପକ୍ଷରୁ ତେନ୍ତୁଳିଗୁମ୍ମାରେ ଜନସମ୍ପର୍କ ଶିବିର

ମାଲକାନଗିରି, ୨୭।୧୦। ((ଡି.ଏନ.ଏ.)- ମାଲକାନଗିରି ଜିଲା ଏମ୍‌ଭି-୩ସ୍ଥିତ ୨ୟ ବାଟାଲିୟନ ବିଏସ୍‌ଏଫ୍ ପକ୍ଷରୁ ଗୁରୁବାର ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଜିଲାର ସୀମାନ୍ତରେ ଥିବା କୋରାପୁଟ ଜିଲାର ତେନ୍ତୁଳିଗୁମ୍ମା ଗ୍ରାମରେ ଏହି ଶିବିର ହୋଇଥିଲା। ଶିବିରରେ ମାଲକାନଗିରି ସେକ୍ଟର ଡିଜି ଏସକେ ସିହ୍ନା, କମାଣ୍ଡାଣ୍ଟ ମନୋଜ କାର୍କିଙ୍କ ଅନ୍ୟ ଅଧିକାରୀ ଓ ଯବାନମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜି ସିହ୍ନା ବିଏସ୍‌ଏଫ୍ କର୍ତ୍ତବ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ବିଏସଏଫ ସବୁବେଳେ ତତ୍ପର ଥିବା ପ୍ରକାଶ କରିଥିଲେ। ଶେଷରେ ସ୍ଥାନୀୟ ଯୁବକଙ୍କୁ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଫଟୋ: ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଜନ ସାଧାରଣ।

### ଚୋରି ଜିନିଷ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ସେମିଲିଗୁଡ଼ା/ସୁନାବେଡ଼ା,୨୭।୧୦ (ସ୍ୱ. ପ୍ର.)-ସେମିଲିଗୁଡ଼ା ଉପରସାହି ଦୁର୍ଗାମନ୍ଦିର ଅଞ୍ଚଳରେ ରହୁଥିବା ବରୁ ରାବଣାମ୍ମା ଘରେ ନ ଥିବା ସମୟରେ ମଙ୍ଗଳବାର କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ପ୍ରାୟ ୪୦ଭରି ରୁପା ଅଳଙ୍କାର, ଅଧଭରି ସୁନା ସହ ୮ ହଜାର ୫ଶହ ଟଙ୍କା ଚୋରିକରି ନେଇଯାଇଥିଲେ। ଏନେଇ ବରୁ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସେମିଲିଗୁଡ଼ା ପୋଲିସ କେସ୍ ନଂ. ୧୬୩/୨୨ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୋଲିସ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଶଙ୍କର ବାଘ (୩୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୫୦ଗ୍ରାମ ରୁପା ସହ ନଗଦ ୬୦୭୦ଟଙ୍କା ଜବତ କରାଯାଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀଙ୍କ ଧାରଣା

ପଟ୍ଟାଙ୍ଗୀ,୨୭।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ସୋରିଷପଦର ପଞ୍ଚାୟତ ସମିତି ସଭ୍ୟଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରି ଗୁରୁବାର ଉକ୍ତ ପଞ୍ଚାୟତର ମୂଷାଗୁଡା ଗ୍ରାମର ଶତାଧିକ ମହିଳା ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଅଭିଯୁକ୍ତଙ୍କ ସମ୍ପର୍କରେ ତଦନ୍ତ ଚାଲିଛି, ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି। ଖବରରୁ ଜଣାପଡିଛି, ସୂଚନା ଗତ ୧୯ରେ ପଞ୍ଚାୟତରେ ଏକ ପଲ୍ଲିସଭା ଚାଲିଥିଲା। ଏଥିରେ ସମିତିସଭ୍ୟା ଟୁନି ଖରାଙ୍କ ସ୍ୱାମୀ ଭଗବାନ ଚେଟି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ନିଜ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ସମୟରେ ସମିତିସଭ୍ୟାଙ୍କ ସ୍ୱାମୀଙ୍କ ପ୍ରସ୍ତାବକୁ କେତେ ଜଣ ବିରୋଧ କରିଥିଲେ। ସରପଞ୍ଚ ଜେଟୁ ହନ୍ତାଳ, ନାଏବ ସରପଞ୍ଚ ଓ ସମିତି ସଭ୍ୟାଙ୍କ ସ୍ୱାମୀ ଭଗବାନଙ୍କ ମଧରେ କଥା କଟାକଟି ହୋଇଥିଲା। ତେବେ ପରେ ଉଭୟଙ୍କ ମଧରେ ଆପୋଷ ବୁଝାମଣା ହୋଇଥିଲା। ଘଟଣା ସ୍ଥଳରୁ ଭଗବାନ ଫେରିଯାଇ ସନ୍ଧ୍ୟାରେ ନିଜ ଗ୍ରାମ ମୂଷାଗୁଡାକୁ ବାଇକ୍ ଯୋଗେ ଫେରୁଥିବା ବେଳେ ମାଟିଆଗୁଡା ଗ୍ରାମ ନିକଟରେ ଅଚେତ ଅବସ୍ଥାରେ ପଡି ରହିଥିବା କେତେକ ଲୋକ ଦେଖି ସମିତିସଭ୍ୟାଙ୍କୁ ଏବଂ ତାଙ୍କ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ପରେ ଘଟଣା ସ୍ଥଳରେ ସମସ୍ତେ ପହଞ୍ଚି ଭଗବାନଙ୍କୁ ଉଦ୍ଧାର କରି କୋରାପୁଟ ମେଡ଼ିକାଲ କଲେଜରେ ନେଇ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ମଧ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଭଗବାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଥିବା ବେଳେ ଗୁରୁବାର ଭୋର ସମୟରେ ଭଗବାନଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ପରିବାର ଲୋକେ ଖବର ପାଇ ପଟ୍ଟାଙ୍ଗୀ ଥାନା ରେ ପହଞ୍ଚି କାହିଁକି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ ବୋଲି ପଚାରି ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୁକ୍ତମାନେ ଗିରଫ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଅଷ୍ଟାବିରିଆ ସୁନାବେଡା ଏସ୍‌ଡିପିଓ ମନୋଜ ବେହେରାଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ଘଟଣାର ତଦନ୍ତ ଚାଲିଛି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ସୂଚନାଯୋଗ୍ୟ, ଘଟଣାକୁ ନେଇ ମୃତ ଭଗବାନ ଚେଟିଙ୍କ ସ୍ତ୍ରୀ ସମିତିସଭ୍ୟା ଟୁନି ଖରା ୨୦ ତାରିଖରେ ପଟ୍ଟାଙ୍ଗୀ ପୋଲିସ ନିକଟରେ ସରପଞ୍ଚ ଜେଟୁ ହନ୍ତାଳ ଏବଂ ନାଏବ ସରପଞ୍ଚଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୧୪୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ଚାଲିଥିବା ଧାରଣା।



ମାଲକାନଗିରି ଜିଲା ଏମ୍‌ଭି– ୭୯ ଅଞ୍ଚଳରେ ଆରମ୍ଭ ହୋଇଥିବା ଶ୍ୟାମାକାଳୀପୂଜା ।

# ନବନିର୍ମିତ ଦୋକାନଗୃହ ବଣ୍ଟନ ଟେଣ୍ଡରରେ ବିଳମ୍ବ

କୋରୁକୋଣ୍ଡା,୨୭।୧୦(ଡି.ଏନ୍. ଏ.)

ଟେଣ୍ଡର ଅପେକ୍ଷାରେ ପଡ଼ିରହିଛି ଏନ୍‌ଏସିର ଅଧିକାଂଶ ଦୋକାନ ଗୃହ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ। ଦୀର୍ଘ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏନ୍‌ଏସିର ପ୍ରାୟ ୩୦ଟି ନବ ନିର୍ମିତ ଦୋକାନଗୃହ ପୁରୁଣା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ନିର୍ମାଣ କରାଯାଇଥିଲେ ମଧ ଏଯାଏ ନିଲାମ ପ୍ରକ୍ରିୟାରେ ବଣ୍ଟନ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ନୂତନ ଦୋକାନଗୃହ ଖୋଲିବାକୁ ଚାହିଁ ବସିଥିବା ବ୍ୟବସାୟୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଦୋକାନଗୃହଗୁଡ଼ିକ ଲକ୍‌ଡାଉନ ପୂର୍ବରୁ ନିର୍ମାଣ ହୋଇଥିଲା। ଏହା ବ୍ୟବହାର ନ ହେଉଣୁ ମରାମତି କାର୍ଯ୍ୟର ଆବଶ୍ୟକତା ପଡ଼ିଲାଣି। ଅବ୍ୟବହୃତ ଦୋକାନଗୃହଗୁଡ଼ିକରେ ଗୋରୁ ବୁଲୁଥିବା ଦେଖିବାକୁ ମିଳୁଛି। ଏଥିସହ ସନ୍ଧ୍ୟା ସମୟରେ ମଧ ଦୋକାନଗୃହ ନିକଟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ତୁରନ୍ତ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତକରି ଦୋକାନଗୃହ ଷ୍ଟଲ୍‌ଗୁଡିକ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବାକୁ ଦାବି ହେଉଛି।



ଅବ୍ୟବହୃତ ହୋଇପଡ଼ିଥିବା ଦୋକାନ ଗୃହ।

# ବିକାଶର ବାର୍ତ୍ତା ନେଇ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଜୟପୁର, ୨୭।୧୦ (ନି.ପ୍ର.)

ଜୟପୁରଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଘରେ ଘରେ ବିକାଶର ବାର୍ତ୍ତା ପହଞ୍ଚାଇବା ପାଇଁ ଚାଲିଥିବା ଏହି ଜନସମ୍ପର୍କ ପଦଯାତ୍ରା ସହରର କୁମ୍ଭାରସାହିସ୍ଥିତ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇଥିଲା। ବିଭିନ୍ନ ୱାର୍ଡ ପରିକ୍ରମା ପରେ କାଳିକା ମନ୍ଦିର ନିକଟରେ ପଦଯାତ୍ରା ଶେଷ ହୋଇଥିଲା। ସେହିପରି ସନ୍ଧ୍ୟାରେ ଶୁଭମ କଲ୍ୟାଣ ମଣ୍ଡପଠାରୁ ପୁଣି ପଦଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ସୂର୍ଯ୍ୟ ନାରାୟଣ ରଥ, ହିମାଂଶୁ ମହାପାତ୍ର, ସୁବାସ ରାଉତ, ତାପସ ପଣ୍ଡା, ସୁବ୍ରତ ବାଘ, ବିକାଶ ପାତ୍ର, ରଘୁନାଥ ପାଢୀ, ବି. ସତୀଶ, କାଉନସିଲର ଯଶପାଲ ସିଂ, ଯୁବ ସଭାପତି ସୀମାଞ୍ଚଳ ବିଷୋୟୀ, ନଗର ମହିଳା ସଭାପତି ଶିଳ୍ପା ପାଣି, ଜିଲା ଛାତ୍ର ସଭାପତି ଆଶିଷ ପଣ୍ଡା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ତଥା ଜୟପୁର ଉପ ନଗରପାଳ ବି. ସୁନିତା, ଜିଲା ଉପସଭାପତି ଗାୟତ୍ରୀ ଦେବୀ, ଜିଲା ସାଧାରଣ ସମ୍ପାଦକ ସୁଷୁମା ମହାପାତ୍ରଙ୍କ ସହ ଛାତ୍ର, ଯୁବ, ମହିଳା ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଥିଲେ।




ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

# ଦାମନଯୋଡ଼ି ନାଲ୍‌କୋ ପ୍ରକଳ୍ପ ସ୍ୱତନ୍ତ୍ର ଅଭିଯାନ–୨ରେ ସାମିଲ

ଦାମନଯୋଡି,୨୭।୧୦ (ଡି.ଏନ.ଏ.)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅନ୍ତର୍ଗତ ନବରତ୍ନ ଉଦ୍ୟୋଗ ନାଲ୍‌କୋ ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଏକ ମାସ ଧରି ସତନ୍ତ୍ର ଅଭିଯାନ(୨)ରେ ସାମିଲ ହୋଇଥିଲା। ଏହି ସମୟ ମଧରେ ନାଲ୍‌କୋ ପକ୍ଷରୁ ପରିଚ୍ଛନ୍ନତା, ବାକି ଥିବା କାର୍ଯ୍ୟର ସମୟୋପଯୋଗୀ ସମାଧାନ, ରେକର୍ଡ଼ ପରିଚାଳନା, କାର୍ଯ୍ୟାଳୟ ସ୍ଥାନର ସଫଳ ବ୍ୟବହାର, ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଉପରେ ଲଗାମ ଆଦି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନର ନେତୃତ୍ୱ ନେଇଥିବା ନାଲ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଏହାର ଅଗ୍ରଗତି ନେଇ ଅନୁଧ୍ୟାନ କରିଥିଲେ। ନାଲ୍‌କୋର ଦାମନଯୋଡିସ୍ଥିତ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ଏହି ସ୍ୱତନ୍ତ୍ର ଅଭିଯାନର ନେତୃତ୍ୱ ନେଇଥିଲେ। ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟ ସହିତ ଏହାର ସମସ୍ତ ଉତ୍ପାଦନ ୟୁନିଟ୍ ଓ ଦେଶର ବିଭିନ୍ନ ସ୍ଥାନରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରେ ଏହି କାର୍ଯ୍ୟକ୍ରମ ଜାରି ରହିଥିଲା। ଅକ୍ଟୋବର ୨ରେ ସମସ୍ତ ସମୂହ ମହାପ୍ରବନ୍ଧକ ଓ ବିଭିନ୍ନ କର୍ମଚାରୀ ସଙ୍ଗଠନ ପ୍ରତିନିଧିଙ୍କ ଉପସ୍ଥିତିରେ ନାଲ୍‌କୋ ଟାଉନଶିପରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇ ସମସ୍ତ ରାସ୍ତା ସଫା କରାଯାଇଥିଲା। ଏହି ଏକମାସର କାର୍ଯ୍ୟକ୍ରମରେ ଶାବରୀ ଜଳାଶୟରେ ଦଳ ସଫା କରାଯିବା ସହିତ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ନାଲ୍‌କୋ ଟାଉନଶିପସ୍ଥିତ ମୁକ୍ତବାୟୁ ବ୍ୟାୟାମଶାଳାକୁ ନବୀକରଣ କରାଯାଇଥିଲା।

# ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ଚିତ୍ରକୋଣ୍ଡା,୨୭।୧୦(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ପୋଲିସ ଏସାର ଛକ ନିକଟରୁ ୧୫୧.୭ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ସିଲେରୁ ଥାନା ଅଞ୍ଚଳର ଖିଲୋ ପୁରୁଶୁତି(୩୫)। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଏଏସ୍‌ଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚିତ୍ରକୋଣ୍ଡା, ଗୋଜିଆଗୁଡ଼ା, ଏସାର୍ ଛକ, ପଲ୍ଲିଗୁଡ଼ା ଓ ବଡ଼ପଦର ଅଞ୍ଚଳରେ ପାଟ୍ରୋଲିଂ ବେଳେ ଦାରାକୋଣ୍ଡା ଦିଗରୁ ଆସୁଥିବା ଏକ ବାଇକ୍ (ଓଡି ୩୦ ୪୩୨୨)କୁ ସନ୍ଦେହରେ ଅଟକାଇଥିଲା। କାଗଜପତ୍ର ଯାଞ୍ଚବେଳେ ପଛରେ ଆସୁଥିବା ଏକ ଗଞ୍ଜେଇ ଭର୍ତ୍ତି ଅଟୋ (ଏପି ୩୧ ଟି୪ ୫୮୭୮) କୁ ସୁରକ୍ଷା ଦେଇ ଆସୁଥିବା ସ୍ୱୀକାର କରିଥିଲେ। ଗଞ୍ଜେଇ ଭର୍ତ୍ତି ଅଟୋକୁ ପୋଲିସ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଦୂରରୁ ପୋଲିସକୁ ଦେଖି ଚାଳକ ସମେତ ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ପୋଲିସ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ଧରିପାରି ନ ଥିଲା। ଅଟୋ ଯାଞ୍ଚବେଳେ ସେଥିରୁ ୬ ପ୍ୟାକେଟ ଗଞ୍ଜେଇ ବାହାରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଉକ୍ତ ଗଞ୍ଜେଇ ଦାରାକୋଣ୍ଡା ଅଞ୍ଚଳରୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ମଚିମ୍ପୁଟକୁ ଚାଲାଣ ହେଉଥିଲା ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୧୪୫/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିଲ ପରିଡ଼ା ସୂଚନା ଦେଇଛନ୍ତି।



ପୋଲିସ କର୍ମଚାରୀଙ୍କ ସହ ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

# ସରକାରୀ ଜମିରେ ବେସରକାରୀ ଘର



ଅଧିକାରୀମାନେ ଜବରଦଖଲ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ସୁନାବେଡ଼ା/ସେମିଲିଗୁଡ଼ା, ୨୭।୧୦ (ସ୍ୱ.ପ୍ର.)

ଦିନକୁ ଦିନ କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳରେ ବଢ଼ିଚାଲିଛି ସରକାରୀ ଜମି ଜବରଦଖଲ। ସୁନାବେଡ଼ା ଓ ସେମିଲିଗୁଡ଼ା ଅଞ୍ଚଳରେ ଗତ କିଛି ବର୍ଷ ଭିତରେ ଯେଉଁ ସବୁ ଅଞ୍ଚଳରେ ସରକାରୀ ଜମି ଖାଲି ପଡ଼ିଥିଲା ସେସବୁକୁ କେତେଜଣ ବ୍ୟକ୍ତି କବ୍‌ଜା କରି ପକ୍କାଘର ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଉଥିଲେ ମଧ ସେଥିପ୍ରତି ଲୋକେ ଗୁରୁତ୍ୱ ଦେଉନାହାନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୪ନଂ. ୱାର୍ଡ ଏଇଏଫ୍ ମାର୍କେଟ ଅଞ୍ଚଳରେ ଆର୍ ଆଣ୍ଡ ବି ବିଭାଗର ଖାଲି ଜାଗା ତାହାକୁ ମଧ ଲୋକେ ଛାଡିନାହାନ୍ତି। ଏହି ଜାଗାକୁ ବିଭାଗ ପାଚେରି ପକାଇ ଆବଦ୍ଧ କରିଥିଲା । ମାତ୍ର ସେହି ପାଚେରିର

**ବଢୁଛି ଜବରଦଖଲ**

ଗୋଟିଏ ପଟ କାନ୍ଥକୁ କେହି ବ୍ୟକ୍ତି ଭାଙ୍ଗି ଘର ନିର୍ମାଣ କରିବାରେ ଲାଗିଛନ୍ତି। ତେବେ ଏନେଇ ଆର୍ ଆଣ୍ଡ ବି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନଜରକୁ କିପରି ଆସୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ସୁନାବେଡ଼ା ଆର୍‌ଆଇ ଦେଇଥିବା ରିପୋର୍ଟ ଆଧାରରେ ଗୁରୁବାର ଜବରଦଖଲସ୍ଥଳକୁ ସେମିଲିଗୁଡ଼ା ଅତିରିକ୍ତ ତହସିଲଦାର ସଞ୍ଜୀବ ସାହୁଙ୍କ ସମେତ ଆର୍‌ଆଇ ସୁପରଭାଇଜର ଗୌରୀ ଶଙ୍କର ରାଓ, ଆସିଷ୍ଟାଣ୍ଟ ଆର୍‌ଆଇ ଯୋଗେନ୍ଦ୍ର ରାଓ ଓ ସୁନାବେଡ଼ା ଆର୍‌ଆଇ ସନ୍ଧ୍ୟାରାଣୀ ପ୍ରମୁଖ ଘଟଣାସ୍ଥଳ ଅନୁଧ୍ୟାନ କରି ଫେରିଛନ୍ତି। ବେଆଇନ ଜବରଦଖଲ ଉଚ୍ଛେଦ କେବେ ହେବ ଏବେ ତାହା ଦେଖିବାକୁ ବାକି ରହିଲା ।

# ଜାଗା ମିଶନ ଯୋଜନାରେ ପଟ୍ଟା ନେଇ ସର୍ଭେ ଆରମ୍ଭ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ମାଲକାନଗିରି, ୨୭।୧୦ ((ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ ଅଞ୍ଚଳ ୩ ନଂ. ୱାର୍ଡରେ ବାସିନ୍ଦା ଗତ ୬ମାସ ଧରି ସେମାନେ ବସବାସ କରୁଥିବା ଜାଗାର ପଟ୍ଟା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଛନ୍ତି। ଏହି ସମୟ ମଧରେ ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା । ତେବେ ଗୁରୁବାର ୩ ନଂ ୱାର୍ଡରେ ସରକାରଙ୍କ ଜାଗା ମିଶନ ଯୋଜନାରେ ପଟ୍ଟା ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ମାଲକାନଗିରି ପୌର ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକଙ୍କ ଉପସ୍ଥିତିରେ ଅତିଥି ଭାବେ ପୌର ଅଧକ୍ଷ ମନୋଜ ବାରିକ ଯୋଗ ଦେଇ ଏହି ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜାଗା ମିଶନରେ ସେମାନଙ୍କୁ ଶୀଘ୍ର ପଟ୍ଟା ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏହି କାର୍ଯ୍ୟର ସର୍ଭେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା କବିତା ମହନ୍ତ, ବରିଷ୍ଠ ବିଜେଡି ନେତା ଆର୍. ଶ୍ରୀନିବାସ ରାଓ, ୩ନଂ. ୱାର୍ଡ କାଉନସିଲର ପ୍ରୀତମ ସେଠୀ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ପାଳ, ୧ ନଂ. କାଉନସିଲର ପେଣ୍ଡ୍ରାପ୍ରସାଦ ପଣ୍ଡା, ସହରାଞ୍ଚଳ ମିଶନ ପରିଚାଳକ ଜଗନ୍ନାଥ ଖେମୁଣ୍ଡୁଙ୍କ ସହ ୱାର୍ଡବାସୀ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବୁ

ମାଲକାନଗିରି, ୨୭।୧୦ ((ଡି.ଏନ.ଏ.)

ମାଲକାନଗିରି ସଦର ମହକୁମା ତାରିଣୀ ମନ୍ଦିର ପରିସରରେ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ମାଲକାନଗିରି ଶାଖା ପକ୍ଷରୁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ଆଶା କର୍ମୀ ଯୋଗ ଦେଇଥିଲେ। ବୈଠକରେ ଆଶା କର୍ମୀମାନେ ବିଭିନ୍ନ ଦାବି ରଖିବା ସହ କିଭଳି ସେମାନଙ୍କୁ ସରକାରୀ ମାନ୍ୟତା ମିଳିବ, ସେମାନଙ୍କୁ ଉପଯୁକ୍ତ ଦରମା ପ୍ରଦାନ ପାଇଁ ବୈଠକରେ ଦାବି କରିଥିଲେ। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ଉପସଭାପତି ମମତା ବିଶ୍ୱାଳ କହନ୍ତି, ଆଗାମୀ ନଭେମ୍ବରରେ ଆମେ ୧୦ ଦଫା ଦାବି ନେଇ ଧାରଣା ଦେବୁ। ପ୍ରାୟ ୧୭ ବର୍ଷ ହେଲା ଆମେ ଆଶାକର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସରକାର ଆମକୁ କୌଣସି ସୁବିଧା ଯୋଗାଇ ଦେଇ ନାହାନ୍ତି। କାମ କଲେ ଟଙ୍କା ମିଳିବ ନ କଲେ ମିଳିବ ନାହିଁ ଏପରି ସ୍ଥିତିରେ ଆମେ ଚଳିବା ବହୁ କଷ୍ଟକର ହୋଇ ପଡୁଛି। ଅନ୍ୟମାନଙ୍କ ମଧରେ ରାଜ୍ୟ ସମ୍ପାଦିକା, ଜିଲା କୋଷାଧକ୍ଷ ତଥା ନିଖିଳ

**ଆଶା କର୍ମୀ ସଂଘ ବୈଠକ**

ଓଡିଶା ବିଦ୍ୟୁତ ମଜୁଦର ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡା, ଜିଲା ସଭାପତି ସୁକାନ୍ତି ମାଡକାମି, ସମ୍ପାଦିକା ରେଖାରାଣୀ ମୁଖାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦିକା କମଳା ବେହେରା, ରାୟଗଡାର ଜୟନ୍ତୀ ନାୟକ, କୁନ୍ଦୁରାର ରାଇମତି ପୂଜାରି, ସାବିତ୍ରୀ କେନ୍ଦୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଆଶାକର୍ମୀମାନେ।

